# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 52 Years

ଶନିବାର, ୧୦ ଜାନୁଆରୀ, ୨୦୨୬



୭ ଜଣା ଅଜଣା

୬ କହିଲ ଦେଖି

୨

୩ ପ୍ରଚ୍ଛଦ

# ଗଛ ବଞ୍ଚିଲେ ଆମେ ବଞ୍ଚିବା



ଗପ

ଟୋଟା ମଧ୍ୟରେ ବିଶାଳକାୟ ଆମ୍ବଗଛଟିଏ ଥିଲା। ସେଥିରେ ବିଭିନ୍ନ ପ୍ରକାରର ପକ୍ଷୀ ବସା ବାନ୍ଧି ରହୁଥିଲେ। ଦିନେ ଜଣେ କାଠୁରିଆ ଆସି ସେହି ଆମ୍ବ ଗଛକୁ କାଟିବାକୁ ଲାଗିଲା। ତା'ର କୁରାଢ଼ି ଚୋଟର ଭୟଙ୍କର ଶବ୍ଦ ଶୁଣି ପକ୍ଷୀମାନେ ଭୟରେ ଉଡ଼ିଗଲେ। ଯେଉଁ ଛୋଟ ଛୋଟ ପକ୍ଷୀ ଉଡ଼ି ଜାଣି ନଥିଲେ ତାଙ୍କ ମା'ମାନେ ଈଶ୍ୱରଙ୍କୁ ଡାକିଲେ।

ପକ୍ଷୀମାନଙ୍କ କରୁଣ ଡାକ ଶୁଣି ଭଗବାନ ପ୍ରତ୍ୟକ୍ଷଭାବରେ ଉଭା ହୋଇ କାଠୁରିଆକୁ କହିଲେ କାହିଁକି ଏ ଗଛ କାଟୁଛୁ? ପ୍ରକୃତିକୁ ନଷ୍ଟ କଲେ ଫଳ ଫୁଲ ଛାଇ ଇତ୍ୟାଦି କେଉଁଠୁ ପାଇବୁ? ବୃଷ୍ଟିପାତ କିପରି ଭାବରେ ହେବ? ଅମ୍ଳଜାନ କେଉଁଠୁ ଆସିବ? ଅତି ଆବଶ୍ୟକ ନ ପଡ଼ିବା ଯାଏ କୌଣସି ଗଛ କାଟ ନାହିଁ। ଗୋଟିଏ ଗଛ କାଟିବା ଆଗରୁ ଦଶଟି ଗଛ ଲଗାଅ। ଈଶ୍ୱରଙ୍କର ଏହି କଥାକୁ ଖାତିର ନ କରି କାଠୁରିଆ କହିଲା, ତୁମେ ମୋତେ ବାରଣ କରିବାକୁ କିଏ? ଈଶ୍ୱର କହିଲେ, ରେ ମୂର୍ଖ ! ମୁଁ ସୃଷ୍ଟିକର୍ତ୍ତା। ତୁ କ'ଣ ମୋତେ ଜାଣି ପାରୁନାହୁଁ? କାଠୁରିଆ କହିଲା, ''ହେଲେ ମୁଁ କିପରି ଜାଣିବି ତୁମେ ଈଶ୍ୱର ବୋଲି?'' ଭଗବାନ କହିଲେ, ''ତା'ହେଲେ ଦେଖ ତୋ ହାତରୁ କୁରାଢ଼ି ଶୂନ୍ୟ ହୋଇଗଲା। ଆରେ ହଁ ତ, ମୁଁ ଏବେ କାଠ କେମିତି କାଟିବି? ମୋ ସଂସାର କେମିତି ଚଳିବ?'' ତା'ପରେ ଈଶ୍ୱର କହିଲେ ଏବେ ଯଦି ତୁ ଗଛ କାଟିବା ମନୋବୃତ୍ତିରୁ ନିବୃତ୍ତ ନହେବୁ ତୋତେ ବି ଶୂନ୍ୟ କରିଦେବି।

କାଠୁରିଆ ଜଣକ ଆଉ କିଛି ନ କହି ଭୟରେ ଜୀବନ ବଞ୍ଚାଇବାକୁ ଜଙ୍ଗଲରେ ଦୌଡ଼ିବାକୁ ଲାଗିଲା। କିଛି ଦୂର ଯାଇଛି ଏକ ବାଘ ହାବୁଡ଼ରେ ପଡ଼ିଲା। ବାଘ କହିଲା, ତୁ ଏ ଜଙ୍ଗଲକୁ ନଷ୍ଟ କରୁଛୁ? ଆମେ ରହିବୁ କେଉଁଠି? ଖାଇବୁ କ'ଣ? ଏହା କହି ବାଘଟି ଗୋଡ଼େଇଲା କାଠୁରିଆକୁ। ଧୀରେ ଧୀରେ ସେହି ଜଙ୍ଗଲରେ ଅନ୍ୟ ପଶୁପକ୍ଷୀ ମଧ୍ୟ କାଠୁରିଆକୁ ଆକ୍ରମଣ କରିବା ପାଇଁ ତା' ପଛରେ ଦୌଡୁ ଥାଆନ୍ତି। ବାଟରେ ଜଣେ ସାଧୁଙ୍କୁ ହାବୁଡ଼ିଲେ। କାଠୁରିଆଟି ସାଧୁଙ୍କ ପାଦତଳେ ପଡ଼ି କହିଲା, ମୋତେ ରକ୍ଷାକର। ସାଧୁ ଜଣକ କହିଲେ, ହଉ ଉଠ। ମାରିବା ପାଇଁ କାଠୁରିଆ ପଛରେ ଦୌଡୁଥିବା ସବୁ ପଶୁ ପକ୍ଷୀ କହିଲେ, ଦେଖନ୍ତୁ ବାବା ଏ ଦୁଷ୍ଟ କାଠୁରିଆ ଜଣକ ଆମ ପ୍ରକୃତିକୁ ନଷ୍ଟ କରୁଛି। ଜଙ୍ଗଲ କାଟି ସଫା କରିଦେଉଛି। ସବୁ ଶୁଣି ସାରିବା ପରେ ସନ୍ୟାସୀ ସେହି କାଠୁରିଆକୁ ବୁଝେଇବାରୁ ସେ ତା' ନିଜ ଭୁଲ୍ ବୁଝିପାରି କ୍ଷମା ମାଗିଲା। ସେ ଆଉ ଗଛ କାଟିବ ନାହିଁ ବୋଲି ପ୍ରତିଜ୍ଞା କଲା। ଶେଷରେ ସବୁ ପଶୁପକ୍ଷୀ ଜଙ୍ଗଲରେ ଖୁସିରେ ରହିଲେ। ତେଣୁ ଏଥିରୁ ଜଣାପଡିଲା କି ପ୍ରକୃତି ଓ ପରିବେଶ ଭଲ ରହିଲେ ଆମେ ସମସ୍ତେ ଶାନ୍ତିରେ ବଞ୍ଚିବା।

– **ଅମରନାଥ ବାରିକ**
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

## ଖିଲି ଖିଲି ହସ

ରାଜୁ: ପିଲାଦିନେ ଯଦି ମା' କଥା ଶୁଣିଥା'ନ୍ତି, ତେବେ ଆଜି ଏ ଦିନ ଦେଖିବାକୁ ପଡ଼ିନଥାନ୍ତା।
ବିଜୁ: କ'ଣ କହୁଥିଲେ ମାଉସୀ!
ରାଜୁ: ଯେତେବେଳେ କଥା ଶୁଣିନି, ତେବେ ମୁଁ କେମିତି କହିବି କ'ଣ କହିଥିଲା ସେ!

ପପୁ: ଖଣ୍ଡେ ରୁଟି ଖାଉଥିଲା ଏବଂ ଆଉ ଖଣ୍ଡେ ପାଖରେ ବସିଥିବା କୁକୁଡ଼ାକୁ ଖାଇବାକୁ ଦେଉଥିଲା। ଏହା ଦେଖି ଆଉ ଜଣେ ବ୍ୟକ୍ତି ତାକୁ ପଚାରିଲେ– ଏ କ'ଣ କରୁଛୁ?
ପପୁ: ମୁଁ ବା ଚିକେନ୍ ସହିତ ରୁଟି ଖାଉଛି।

କ୍ଲାସ୍‌ରେ ଶିକ୍ଷକ ପଢ଼ାଉଥିବା ସମୟରେ ପିଲାମାନଙ୍କୁ ପଚାରିଲେ, ଆଚ୍ଛା ପିଲାମାନେ! କହିଲ ଜହ୍ନରେ କିଏ ପ୍ରଥମ ପାଦ ରଖିଥିଲେ?
ଛାତ୍ର: ନିଲ୍ ଆର୍ମଷ୍ଟ୍ରଙ୍ଗ।
ଶିକ୍ଷକ: ତେବେ ଦ୍ୱିତୀୟ ପାଦ କିଏ ରଖିଥିଲେ?
ଛାତ୍ର: ଦ୍ୱିତୀୟ ପାଦ ସିଏ ହିଁ ରଖିଥିବେ।

# ସାରା ଜୀବନ ବଢୁଥାଏ



**ମଣିଷ ଶରୀରର କେଶ ଏବଂ ନଖ ଏଭଳି ଦୁଇଟି ଅଂଶ, ଯାହାକି ସାରା ଜୀବନ ବୃଦ୍ଧି ପାଇଥାଏ। ଏହାକୁ କାଟିଲେ ମଧ୍ୟ କୌଣସି କଷ୍ଟ ହୋଇ ନ ଥାଏ। ଏକଥା କିଏ ବା ନ ଜାଣେ ! ହେଲେ ଏ ସମ୍ପର୍କରେ ଏଭଳି କିଛି କଥା ରହିଛି, ଯାହାକି ହୁଏତ ସମସ୍ତଙ୍କୁ ଜଣା ନ ଥିବା ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

- ମଣିଷ ଶରୀରରେ ଥିବା ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରୁ ମୁହଁର କେଶ ବା ଦାଢ଼ି ସବୁଠୁ ଦ୍ରୁତ ଗତିରେ ବଢ଼ିଥାଏ। ବୈଜ୍ଞାନିକଙ୍କ ଆକଳନ ମୁତାବକ ଯଦି ଜଣେ ପୁରୁଷ ଆଦୌ ଦାଢ଼ି ନ କାଟନ୍ତି, ତେବେ ତାଙ୍କ ଜୀବନ କାଳ ମଧ୍ୟରେ ୩୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବ ପର୍ଯ୍ୟନ୍ତ ବଢ଼ିପାରେ।
- କୌଣସି ରୋଗ, ଋତୁ ପରିବର୍ତ୍ତନ, ଖାଦ୍ୟାଭ୍ୟାସ, ଗର୍ଭାବସ୍ଥା ଭଳି କେତେକ ବିଶେଷ କାରଣକୁ ବାଦ୍ ଦେଲେ ପ୍ରାୟ ପ୍ରତି ମଣିଷଙ୍କର ଦୈନିକ ୬୦ରୁ ୧୦୦ କେଶ ଝଡିଥାଏ।
- ମଣିଷ ମୁଣ୍ଡରେ ଥିବା ପ୍ରତ୍ୟେକଟି ହେୟାର ଫଲିକ୍‌ଲ ବା କେଶକୂପରୁ ଜୀବନକାଳ ମଧ୍ୟରେ ୨୦ଟି ନୂତନ କେଶ ସୃଷ୍ଟି ହୋଇଥାଏ। ଯଦିଓ ସମସ୍ତଙ୍କ ମୁଣ୍ଡରେ ହାରାହାରି ୧,୦୦,୦୦୦ଟି ଫଲିକ୍‌ଲ ଥାଏ, ହେଲେ କେଶର ରଙ୍ଗ ଅନୁସାରେ ଏହାର ସଂଖ୍ୟା ଭିନ୍ନଭିନ୍ନ। ଅର୍ଥାତ୍ ଧଳା ବା ସମ୍ପୂର୍ଣ୍ଣ କହରା କେଶ ଥିବା ମଣିଷଙ୍କ ମୁଣ୍ଡରେ ସର୍ବାଧିକ ଅର୍ଥାତ୍ ୧,୪୬,୦୦୦ଟି ହେୟାର ଫଲିକ୍‌ଲ ଥିବା ବେଳେ କଳା କେଶରେ ୧୧୦,୦୦୦, ବ୍ରାଉନ୍ କେଶରେ ୧୦୦,୦୦୦ ଏବଂ ଲାଲ୍ ରଙ୍ଗ କେଶରେ ୮୬,୦୦୦ ଫଲିକ୍‌ଲ ରହିଥାଏ।
- ଯଦି କୌଣସି କାରଣରୁ କେଶ ନ ଝଡ଼େ, ତେବେ ମଣିଷ କେଶର ହାରାହାରି ବୟସ ସୀମା ୩–୭ ବର୍ଷ।
- ମଣିଷର ଗୋଡ଼ ତୁଳନାରେ ହାତର ନଖ ୪ ଗୁଣ ଶୀଘ୍ର ବଢ଼ିଥାଏ। ତେବେ ସବୁ ନଖ ମଧ୍ୟରେ ହାତର ମଧ୍ୟମ ଆଙ୍ଗୁଳିର ନଖ ସବୁଠାରୁ ଶୀଘ୍ର ବଢ଼ିଥାଏ।
- ମହିଳାଙ୍କ ତୁଳନାରେ ପୁରୁଷଙ୍କ ନଖ ଶୀଘ୍ର ବଢ଼ିଥାଏ।

## ରଙ୍ଗ ଦିଅ



## ମତାମତ

- ସାଇକେଲ୍ ଓ ବହି ଗଳ୍ପଟି ଶିକ୍ଷଣୀୟ ହୋଇଛି, କେହି କାହାକୁ କମ୍ ଭାବିବା ଉଚିତ ନୁହେଁ।

  – ଶୁଭମ୍ ସାହୁ, ରାଉରକେଲା

- 'ଜଣା ଅଜଣା' ସ୍ତମ୍ଭରେ ବିଚିତ୍ର ଜୀବ ପାଠଟିରୁ କେତେକ ଜୀବଙ୍କ ବିଷୟରେ ଶିକ୍ଷଣୀୟ କଥା ଜାଣିବାକୁ ପାଇଲି।

  – ତୋଷାଣୀ ନାୟକ, କଟକ

- ପ୍ରଚ୍ଛଦରେ 'ଛୋଟ ପ୍ରୟାସ' ପାଠଟି ନିହାତି ଶିକ୍ଷଣୀୟ ହୋଇଛି। ଆଜିକାଲି ପରିବେଶ ସୁରକ୍ଷା ଲାଗି ଆମେ ଛୋଟ ପିଲାମାନେ ବି ସଚେତନ ହେବା ଆବଶ୍ୟକ।

  – ରାଜେଶ ରାଉତ, ମୟୂରଭଞ୍ଜ

- ତୁମତୂଳୀରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଥିଲା।

  – ମନୋଜ କୁମାର ମଲ୍ଲିକ୍, ବାଲେଶ୍ୱର

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ପିକ୍‌ନିକ୍ ଟାଇମ୍

**ଏବେ ପିକ୍‌ନିକ୍‌ର ସମୟ। ବିଭିନ୍ନ ସ୍ଥାନକୁ ବୁଲିବା ସହ ବଣଭୋଜିର ମଜା ନେଉଛନ୍ତି ସମସ୍ତେ। ପିଲାମାନଙ୍କ ପାଇଁ ଏସବୁର ମଜା କିଭଳି ସେ ସମ୍ପର୍କରେ...**

ନୂଆ ନୂଆ ସ୍ଥାନକୁ ଏକାଠି ହୋଇ ବୁଲିବାକୁ ଭଲଲାଗେ ପିଲାଙ୍କୁ। ଆଉ ବଣଭୋଜିର ମଜା ତ ନିଆରା। ଚିରାଚରିତ ଲାଇଫ୍‌ଷ୍ଟାଇଲ୍ ଭିତରୁ ବାହାରି କିଛି ସମୟ ପିକ୍‌ନିକ୍‌ରେ କଟାଇ ଆସିଲେ ମନର ଉତ୍ସାହ ବଢ଼ିଯାଏ। ସେଥିପାଇଁ ତ ପିକନିକ୍‌ର ଏଇ ମଜା ନେବା ପାଇଁ ଚାହିଁ ରହିଥାନ୍ତି ପିଲାମାନେ। ସିଏ ସ୍କୁଲରେ ସାଙ୍ଗମାନଙ୍କ ସହିତ ହେଉ କି ଘର ଲୋକଙ୍କ ସହିତ ସବୁଆଡେ ବୁଲିବା ପାଇଁ ଆଗୁଆ ବାହାରି ପଡନ୍ତି। ଆଉ ପିକନିକ୍ ସରିଲେ ପୁଣିଥରେ ନୂଆ ଉତ୍ସାହରେ ଆରମ୍ଭ ହୁଏ ପାଠପଢ଼ା। ତେବେ ପିଲାଙ୍କ ପାଇଁ ଏବର୍ଷ ପିକ୍‌ନିକ୍ କି ଅନୁଭତି ଆଣିଛି ସେ ସମ୍ପର୍କରେ କେତେକ ପିଲା ଯାହା କୁହନ୍ତି...

## ଖୁବ୍ ମଜା କରିଲୁ



ଏଥର କ୍ରିସ୍‌ମାସ ଛୁଟିରେ ଫ୍ୟାମିଲି ପିକ୍‌ନିକ୍‌ରେ ପାରାଦୀପ ବନ୍ଦର ଯାଇଥିଲି। ସେଠି ଯୁଦ୍ଧ ଜାହାଜ ଦେଖିଲି। ବହୁତ ଭଲ ଲାଗିଲା। ଜାହାଜରେ ଜିନିଷ ସବୁ କିଭଳି ଲୋଡିଂ ଓ ଅନ୍‌ଲୋଡିଂ ହୁଏ ଦେଖିଲି। ଏହା ପରେ ପାରାଦୀପରେ ଥିବା ଜଗନ୍ନାଥ ମନ୍ଦିର ବୁଲିବାକୁ ଗଲୁ। ସେଠାରେ ସମସ୍ତେ ଠାକୁରଙ୍କ ଦର୍ଶନ ସାରି ଖିଆପିଆ କରି ଆସିଲୁ। ଆସିବା ସମୟରେ ପୁଣି ସି ବିଚ୍‌କୁ ଗଲୁ। ସେଇଠି ଖୁବ୍ ମଜା ଲାଗିଲା। ଢେର୍ ସମୟ ସେଠି ଖିଆପିଆ ବୁଲାବୁଲି କରି ଫଟୋ ଉଠାଇ ରାତିରେ ଘରକୁ ଫେରିଲୁ। ଏହାପରେ ହଷ୍ଟେଲ ଯିବା ପୂର୍ବରୁ ଆମେ କୋଣାର୍କ ଯିବୁ ବୋଲି ବାବା କହିଛନ୍ତି। ତେଣୁ ଯେକୌଣସି ଗୋଟେ ରବିବାରରେ ସୁବିଧା ହେଲେ ଆମେ ସମସ୍ତେ ଏକାଠି ଯିବୁ।

**– ଅର୍ଣ୍ଣବ ପଟ୍ଟନାୟକ**

କ୍ଲାସ୍–୯, ନବୋଦୟ ବିଦ୍ୟାଳୟ, ରାହାମା, ଜଗତ୍‌ସିଂହପୁର

## ଚଳଣି ଭିନ୍ନ ଲାଗିଲା



ଏଥର ଆମେ ପିକନିକ୍‌ରେ ମୟୂରଭଞ୍ଜ ଜିଲାକୁ ଯାଇଥିଲୁ। ବାବା ମାମାଙ୍କ ସହିତ ଆମେ ଭାଇ ଭଉଣୀ ଏକାଠି ଖୁବ୍ ମଜା କରିଛୁ। ପ୍ରଥମେ ସାତକୋଶିଆ ଜଙ୍ଗଲ ବୁଲି ଦେଖିଲୁ। ସେଠି ଦିନ ସାରା ଜଙ୍ଗଲ ଭିତରେ ବୁଲି ବହୁତ ମଜା କଲୁ। ସେଠୁ ବାହାରି ଆମେ କେନ୍ଦୁଝର ବି ଯାଇଥିଲୁ। ସେଠାରେ ଭୀମ କୁଣ୍ଡ, ଘଟଗାଁ ତାରିଣୀ ପୀଠ ବୁଲି ଦେଖିଲୁ। ପୂରା ଦୁଇ ଦିନ ଯାକ ଆମେ ଖାଲି ବୁଲିଲୁ। କେନ୍ଦୁଝର ଓ ମୟୂରଭଞ୍ଜରେ ବୁଲିବାବେଳେ ସେଠାକାର ଘର ତିଆରି ଷ୍ଟାଇଲ୍ ଓ ଲୋକଙ୍କ ବେଶଭୂଷା ଚଳଣି ଆଦି ଦେଖି ବହୁତ ଭଲ ଲାଗିଲା। ବାହାରେ ବୁଲି ବୁଲି ଖିଆପିଆ କରି ବହୁତ ମଜା କଲୁ।

**– ଶିବାଙ୍ଗୀ ଦାସ**

କ୍ଲାସ– ୭, ଓଡିଶା ଆଦର୍ଶ ବିଦ୍ୟାଳୟ, ରାମଦାସପୁର, ବାରଙ୍ଗ, କଟକ

## ଭୋଜି କଲି ଓ ବୁଲିବାକୁ ଯାଇଥିଲି



ଆମେ ଗାଁରେ ଜେଜେମା' ଜେଜେ ବାପାଙ୍କ ସହ ରହୁ। ବୟସ ହୋଇଯାଇଥିବାରୁ ସେମାନେ କୁଆଡ଼େ ଯାଇପାରୁ ନାହାନ୍ତି। ତେଣୁ ତାଙ୍କୁ ଛାଡ଼ି ଆମେ ବେଶି ଦୂରକୁ ଯାଉନା। ୧ ତାରିଖ ସକାଳେ ମୁଁ ମୋ ଗାଁ ସାଙ୍ଗଙ୍କ ସହ ମିଶି ଭୋଜି କରିଥିଲି। ଆଉ ସନ୍ଧ୍ୟାବେଳେ ମାମା ଓ ମୋ ସାନ ଭଉଣୀ ସହ ଆମ ଗାଁ ପାଖ କୋଟଗଡ଼ ପାର୍କ ଓ ମା' ଭୂଇଁଆଣୀ ମନ୍ଦିର ବୁଲିବାକୁ ଯାଇଥିଲୁ। ବହୁତ ମଜା ଲାଗିଲା। ଫେରିବାବେଳେ କେକ୍ ନେଇ ଆସିଥିଲୁ। ଘରେ ଜେଜେବାପା, ଜେଜେ ମା', ମାମା, ବାବା ଓ ସାନ ଭଉଣୀଙ୍କ ସହ ମିଶି କେକ୍ କାଟି ନୂଆବର୍ଷ ସେଲିବ୍ରେଟ୍ କଲୁ।

**– ଆଦ୍ୟାଂଶୁ ବେହେରା**

କ୍ଲାସ–୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୋଲଗଡ଼, ଖୋର୍ଦ୍ଧା

## ଭୋଜି କଲୁ



ସମସ୍ତେ ଏବେ ପିକନିକ୍ ଯାଉଛନ୍ତି ହେଲେ ବାବାଙ୍କର ଛୁଟି ନାହିଁ ବୋଲି ଆମେ ଏଥର କୁଆଡ଼େ ବି ବୁଲିବାକୁ ଯାଇନୁ। କିନ୍ତୁ ବାବାଙ୍କ ଅଫିସ ଲୋକଙ୍କ ସହିତ ଜୟଦେବ ବାଟିକାରେ ଏକ ଫ୍ୟାମିଲି ଭୋଜିରେ ସାମିଲ ହୋଇଥିଲୁ। ସେଠି ଦିନସାରା ରହିଲୁ। ରୋଷେଇ ହୋଇଥିଲା। ଜଳଖିଆଠାରୁ ଆରମ୍ଭ କରି ଖରାବେଳର ଖାଇବା ଖାଇ ଫେରିଲୁ। ସେଠି ସମସ୍ତଙ୍କ ସହିତ ବୁଲିବାକୁ ବି ବହୁତ ଭଲ ଲାଗିଲା। ସୁନ୍ଦର ପ୍ରାକୃତିକ ପରିବେଶ ସାଙ୍ଗକୁ ବିଭିନ୍ନ ସ୍ଥାନରେ ପାର୍କ ଭଳି ହୋଇଛି। ତେଣୁ ଖେଳିବାର ବି ସୁଯୋଗ ମିଳିଲା। ବାବାଙ୍କ ସବୁ ସାଙ୍ଗଙ୍କ ପିଲାମାନେ ବି ଆସିଥିଲେ। ତେଣୁ ସେମାନଙ୍କ ସହିତ ମିଶି ଢେର୍ ସମୟ ଖେଳିଲି, ଭଲ ଲାଗିଲା।

**– ଆରଭୀ ମହାପାତ୍ର**

କ୍ଲାସ– ୩, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ରସୁଲଗଡ, ଭୁବନେଶ୍ୱର



## ଘରେ ଭୋଜି କଲୁ



ସବୁ ବର୍ଷ ଆମେ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଉ। ଏଥର କେଉଁଠିକୁ ବି ବୁଲିବାକୁ ଯାଇନି। ଜେଜେଙ୍କ ଦେହ ଭଲ ନ ଥିଲା ବୋଲି ଦୂର ଜାଗା ବୁଲିବାକୁ ଗଲୁନି। ହେଲେ ଘରେ ବହୁତ ଥର ଭୋଜି ହୋଇସାରିଛି। ଆଉ ସାଙ୍ଗମାନଙ୍କ ସହିତ ମିଶି ମୁଁ ବି ଦୁଇ ତିନିଥର ଅଲଗା ଭୋଜି କରି ସାରିଲିଣି। ଥରେ ଆମ ବିଲ୍ଡିଂର ସବୁ ପିଲା ମିଶି ଆମ ଘରେ ରୋଷେଇ କରିଥିଲୁ। ଆମେ ସବୁ ପିଲା ମିଶି ପରିବା କାଟିବା ଓ ଅନ୍ୟାନ୍ୟ କାମରେ ସହଯୋଗ କଲୁ, ହେଲେ ମାମା ରୋଷେଇ କରିଥିଲା। ଏକାଠି ଛାତ ଉପରେ ଖାଇଲୁ। ବହୁତ ମଜା ଲାଗିଲା। ଆଉ ଥରେ ମୁଁ ମୋର ସ୍କୁଲ ସାଙ୍ଗ ଚାରି ଜଣ ମିଶି ଆମ ଘରେ ଭୋଜି କରିଥିଲୁ। ସେଥର କିନ୍ତୁ ଆମ ସମସ୍ତଙ୍କର ଘର ଲୋକ ବି ଏକାଠି ହୋଇ ରୋଷେଇ କରିଥିଲେ। ସାଙ୍ଗମାନେ ଢେର୍ ସମୟ ଗପସପ କରିବା ପରେ ଏକାଠି ଖାଇ ନିଜ ନିଜ ଘରକୁ ଫେରିଥିଲୁ।

**– ତ୍ରିପୁର ବିଜୟୀ ମହାନ୍ତି**

କ୍ଲାସ– ୭, ସରସ୍ୱତି ଶିଶୁ ବିଦ୍ୟାମନ୍ଦିର, ସତ୍ୟବିହାର, ଭୁବନେଶ୍ୱର

## ପ୍ରାକୃତିକ ପରିବେଶ ଭଲ ଲାଗିଲା




ଏଥର ଆମେ ଅଷ୍ଟମ ଶ୍ରେଣୀର ପିଲାମାନେ ଗୁରୁମା'ଗୁରୁଜୀଙ୍କ ସହିତ ବାଲୁଗାଁ ନିକଟସ୍ଥ ନାରାୟଣୀ ପୀଠକୁ ଯାଇଥିଲୁ। ସ୍କୁଲ ବସ୍‌ରେ ଆମେ ପ୍ରଥମେ ସେଠାରେ ପହଞ୍ଚି ମା' ନାରାୟଣୀଙ୍କୁ ଦର୍ଶନ କରି ଚୁଡାଘଷା ଓ ଫଳ ଭୋଗ ଖାଇଲୁ। ଏହାପରେ ସେଠାକାର ସୁନ୍ଦର ପ୍ରାକୃତିକ ପରିବେଶରେ ସାଙ୍ଗମାନଙ୍କ ସହିତ ବୁଲାବୁଲି କଲୁ। ବହୁତ ମଜା ଲାଗିଲା। ତା'ପରେ ସେଠି ଆମର ବଣଭୋଜି ହେଲା। ସମସ୍ତେ ଏକାଠି ଖାଇଲୁ। ଆଉ ତା'ପରେ ଘରକୁ ଫେରିଲୁ। ଏଥରର ବଣଭୋଜି ସବୁଦିନ ପାଇଁ ମନେ ରହିବ।

**– ଏମ୍. ଆଦିତ୍ୟ କିରଣ**


କ୍ଲାସ–୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରମ୍ଭା, ଗଞ୍ଜାମ





୧




୨



୩



୪



୫



୬



୭



୮



**ଶୁଭ୍ରଜିତ ମହାନ୍ତି**
କ୍ଲାସ୍- ୩, ସେଣ୍ଟ ଜାଭିଅର ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା
୧



**ଈଶ୍ୱର ପ୍ରସାଦ**
କ୍ଲାସ୍- ୮, ଆପୋଲୋ ଇଣ୍ଟର ନ୍ୟାଶନାଲ ସ୍କୁଲ, ସେଲା, ଗୁଜରାଟ
୨



**ଅନିକେତ ମଲ୍ଲିକ**
କ୍ଲାସ୍- ୟୁକେଜି, ଆଡିସନ୍ ପ୍ଲେ ସ୍କୁଲ, ନୟାପଲ୍ଲୀ, ଭୁବନେଶ୍ୱର
୩



**ଅକ୍ଷିତା ସାହୁ**
କ୍ଲାସ୍- ୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଣ୍ଟାପଡା, କଟକ
୪



**ଆୟୁଷ ମିଶ୍ର**
କ୍ଲାସ୍-୯, ବିଜେଇଏମ୍ ସ୍କୁଲ-୧, ବିଜେବି ନଗର, ଭୁବନେଶ୍ୱର
୫



**ନମିତା ହେମ୍ବ୍ରମ**
କ୍ଲାସ୍-୪, ସରକାରୀ ଉଚ୍ଚ ବିଦ୍ୟାଳୟ ଅଦାପାଳ, ଉଦଳା, ମୟୂରଭଞ୍ଜ
୬



**କୀର୍ତ୍ତି କିରଣ୍ୟ ସାହୁ**
କ୍ଲାସ୍- ଏଲ୍‌କେଜି, ଲିଟିଲ ଫ୍ଲାୱାର୍ସ କିଡ୍‌ଜୀ, ଗୋଆ
୭



**ରୋନଭ ଅଗ୍ରୱାଲ**
କ୍ଲାସ୍- ୫, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, ସେକ୍ଟର-୬, କଟକ
୮



**ସୌରଭ ରଞ୍ଜନ କର**
କ୍ଲାସ୍-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ସ୍କୋୟାର, କଟକ
୯

**ବିଭୁ କଲ୍ୟାଣ ମହାପାତ୍ର**
କ୍ଲାସ୍- ୫, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କୋରକୋରା, ଭଦ୍ରକ



୧୦



୯



୧୦



# କବିତା

## ଆସୁଅଛି ମକର

**ଶୀ**ତର ପ୍ରକୋପ ହ୍ରାସ କରିବାକୁ
ମକର ସଂକ୍ରାନ୍ତି ଆସି
ସହର ନଗର ପୁରପଲ୍ଲୀରେ ସେ
ଆନନ୍ଦେ ବାଣ୍ଟଇ ଖୁସି ।
ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଯେ
ଆଜିଠୁ ଆରମ୍ଭ ହେବ
ରାତିର ଆୟୁଷ କମି କମି ଯାଇ
ଦିନ ଆୟୁ ବଢ଼ି ଯିବ ।
ସବୁ ଦେବଦେବୀ ମନ୍ଦିରରେ ଭକ୍ତେ
ଭକ୍ତିର ପସରା ଧରି
ପବିତ୍ର ମନରେ ପ୍ରାର୍ଥନା କରିବେ
ଢାଳିବାକୁ ସୁଖ ବାରି ।
ସାରା ଭାରତର ଏ ନିଆରା ପର୍ବ
ଜପ, ତପ, ଶ୍ରାଦ୍ଧ, ଦାନେ
ସବୁରି ହୃଦୟେ ରାଜୁତି କରଇ
ନାନା ନାମେ ନାନା ସ୍ଥାନେ ।
ଆମ ସଂସ୍କୃତି ଆମ ପରମ୍ପରା ମହତ୍ତ୍ୱ
ଗାଏ ଏ ମକର ପର୍ବ
ଭେଦ ଭାବ ଭୁଲି ପାଳିଲେ ଏହାକୁ
ରହିବ ଦେଶର ଗର୍ବ ।

**– ସୁଧାକର ରାଉତ**
ମୋ: ୮୨୪୯୯୩୨୭୯୨

## ଯାଆରେ ଉଡ଼ି

**କା**ଗଜ ଗୁଡ଼ି ଯାଆରେ ଉଡ଼ି
ଆମର ଛୋଟ ଗାଆଁକୁ ଛାଡ଼ି
ମନେ ହରଷ ଭରି
ପବନେ ଉଡ଼ି ସାରା ରାଇଜ
ଆସିବୁ ତୁ'ରେ ଘୂରି ।
ଗାଆଁକୁ ଆମ ଯିବୁନି ଭୁଲି
ଦୂରରେ ଥାଇ ଚାହିଁବୁ ବୁଲି
ଦେଖି ମନ୍ଦିର ନେତ
ଖୁସି ମନରେ ଉଡ଼ି ଉଡିକା
ଗାଉ ଥିବୁରେ ଗୀତ ।
ମାଡି ଆସୁଛି ଶୀତ ଲହରି
ଗାଆଁ ସହର ଆସିବୁ ଘୂରି
ଡେରି କରିବୁ ନାହିଁ
ନଟେଇ ଧରି ବାଟକୁ ତୋର
ରହି ଥିବିରେ ଚାହିଁ ।
ମକର ମେଳା ଦେଖି ଆସିବୁ
ଘଣ୍ଟ ଶବଦ କାନେ ଶୁଣିବୁ
ଆନନ୍ଦ ମନେ ଯାଇ
ସବୁରି ଜନେ ଖୁସି ଭରିବୁ
ଶାନ୍ତି ବାରତା ଦେଇ ।

**– ନଳିନୀ ଦାଶ**
ମୋ: ୯୨୩୮୯୯୬୬୪୯

## ମକର ଚାଉଳ

**ମ**କର ଚାଉଳ ଭଜା
ଆଈ ପାଖେ ବସି ଅଜା
କହିଲେ ଡାକି ନାତିକୁ
ଏ ସନ ଟିକିଏ ବୁଲେଇ ନେବୁନି
ମକର ମେଳା ଯାତକୁ ।
ଜାତି ଜାତି କେତେ ଦରବ
କିଣା ବିକା ଲାଗେ ସରବ
ସେଠାକୁ ନେଇକି ଯିବୁ
ବୁଲେଇ ବୁଲେଇ ଶୀତୁଆ ବସନ
ଆମ ପାଇଁ କିଣି ଦେବୁ ।
ଯେବେ ଆସଇ ମକର
ଗୁଡ଼ି କାଟଇ ଚକର
ଆକାଶରେ ଉଡି ବୁଲି
ମକରରେ କେତେ ମକର ବସନ୍ତି
ପଛ କଥା ସବୁ ଭୁଲି ।
ତୁ ଆମ ସାହା ଭରସା
ତୁ ଆମର ସବୁ ଆଶା
ପାଖେ ପାଖେ ଆମ ଥିବୁ
ଏଇ ବୟସରେ ଆମ ପାଇଁ ପରା
ସରଗର ସୁଖ ହେବୁ ।

**–ଡ. ଅଜୟ କୁମାର ଜେନା**
ମୋ : ୯୮୫୩୨୦୭୫୪୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ପ୍ଲାଷ୍ଟିକ କିଙ୍ଗ୍



**ଫିଙ୍ଗା** ହେଉଥିବା ପ୍ଲାଷ୍ଟିକ୍ ଜିନିଷକୁ ପୁଣିଥରେ ବ୍ୟବହାର କରି ପ୍ରଦୂଷଣମୁକ୍ତ କରିବା ନିମନ୍ତେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି କାମ କରୁଛନ୍ତି । ପରିବେଶ ପାଇଁ କାମ କରିବାବେଳେ ବର୍ଜ୍ୟବସ୍ତୁକୁ ନେଇ କେତେକ ବ୍ୟବହାର ଉପଯୋଗୀ ବିଭିନ୍ନ ପ୍ରକାରର ଜିନିଷ ତିଆରି କରିପାରନ୍ତି । ଏମିତି କିଛି କରି ଗିନିଜ୍ ରେକର୍ଡ କରିପାରିଛନ୍ତି କାନାଡାର ରବର୍ଟ ବେଜୋ । ପ୍ରଦୂଷଣ ସୃଷ୍ଟି କରୁଥିବା ପ୍ଲାଷ୍ଟିକ୍ ବୋତଲ ତଥା ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରି ସେ ପୁଣିଥରେ ବ୍ୟବହାର ଉପଯୋଗୀ କରିବା ଅଭିଯାନ ଚଳାଇଥିଲେ । ତେବେ ଏହି ପ୍ରକ୍ରିୟାରେ ତାଙ୍କ ପାଖରେ ଧୀରେ ଧୀରେ ଲକ୍ଷ ଲକ୍ଷ ପ୍ଲାଷ୍ଟିକ୍ ବୋତଲ ଜମା ହୋଇ ସାରିଥିଲା । ଫଳରେ ଫିଙ୍ଗା ହୋଇଥିବା ପ୍ଲାଷ୍ଟିକ ବୋତଲକୁ ନେଇ ସେ ତିଆରି କରିଛନ୍ତି ଏକ ୪ ମହଲା ବିଶିଷ୍ଟ ଘର । ଏଥିରେ ବ୍ୟବହାର ହୋଇଛି ୪୦ହଜାର ପ୍ଲାଷ୍ଟିକ୍ ବୋତଲ । ତେବେ ପ୍ଲାଷ୍ଟିକ୍ ବୋତଲରେ ତିଆରି ହୋଇଥିବା ବିଶ୍ୱର ସବୁଠୁ ବଡ଼ ଘରଭାବରେ ଏହା ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି ।

## ଏଥରର ?

- ଓସ୍କାର ପାଇଥିବା ଭାରତର ପ୍ରଥମ ସିନେମା ?
- ଆୟତନ ଅନୁସାରେ ଭାରତର କେଉଁ ରାଜ୍ୟ ସବୁଠୁ ଛୋଟ ?
- ଭାରତର ମିଶାଇଲ୍ ମ୍ୟାନ୍ କାହାଙ୍କୁ କହନ୍ତି ?
- କେଉଁ ଗ୍ରହକୁ 'ବ୍ଲୁ ପ୍ଲାନେଟ୍' କୁହାଯାଏ ?
- ମରୁଭୂମିର ଜାହାଜ କାହାକୁ କହନ୍ତି ?

## ଗତଥରର ଉତ୍ତର

- ୨ଟି
- ଇଣ୍ଡସ୍ ଭ୍ୟାଲି ବା ହରପ୍ପାନ୍ ସଭ୍ୟତା
- ମହାବୀର୍
- ଭିଟାମିନ୍- ସି
- ଆମାଜନ୍ ଜଙ୍ଗଲ

## କହିଲ ଦେଖି

ଟାଣ ହୋଇଥାଏ ଭାନୁ କିରଣ
ଯେଣୁ ଗତି ତାଙ୍କ ଉତ୍ତରାୟଣ,
କେଉଁ ସଂକ୍ରାନ୍ତିରୁ ଏହା ହୁଅଇ
ନାମଟି ତାହାର ଦିଅ ବତାଇ ।

**ଉତ୍ତର:– ମକର ସଂକ୍ରାନ୍ତି**



ଅରୁଆ ଚାଉଳ ଗୁଡ଼ ନଡ଼ିଆ
ସଙ୍ଗେ ମିଶିଥାଏ ଛେନା,
ମାଆ କରିଦେଲେ ସୁଆଦ ଲାଗଇ
ଖାଇ ଥାଉ ହସି ହସି ।
ଦରବର ନାମ ଯିଏ କହିବ
ମକର ମେଳାକୁ ବୁଲି ସେ ଯିବ ।

**ଉତ୍ତର:– ମକର ଚାଉଳ**



ଡେଣା ଥାଏ ପକ୍ଷୀ ନୁହଁଇ ସେହି
ପବନରେ ଉଡ଼େ ଚକର ଖାଇ,
ମାଞ୍ଜା ଦିଆ ସୂତା ନଟେଇ ଧରି
ରୋହନ ଉଡ଼ାଏ ଘରୁ ବାହାରି ।
କହିଲ ପିଲାଏ ନାମ ତାହାରି ।

**ଉତ୍ତର:– ଗୁଡ଼ି**



ବଡ଼ ମନ୍ଦିରରେ ବଡ଼ ଦିଅଁଠାରେ
ସ୍ୱତନ୍ତ୍ର ନୀତି ହୁଅଇ,
ଛେନା ଗୁଡ଼ ଦହି ମକର ଚାଉଳ
ପାନ ଭୋଗ ଲାଗିଥାଇ ।
ଏହି ପରବରେ ଜଗା ହୋଇଥାଏ ବେଶ
ବେଶ ନାମ କୁହ କିସ ।

**ଉତ୍ତର:– ମକର ଚୌରାଶି ବେଶ**



**– ବୈକୁଣ୍ଠ ବିହାରୀ ସ୍ୱାଇଁ**
ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଢେଙ୍କାନାଳ
ମୋ: ୯୯୩୭୨୩୯୮୨୮







## ୧ ଛ' ମାସରେ ଶାସନ ବଦଳୁଥିବା ଦ୍ୱୀପ

ବିଶ୍ୱରେ ଏପରି ଏକ ଦ୍ୱୀପ ଅଛି, ଯେଉଁଠି ଶାସନର ଅବଧି କେତେ ଜାଣିଛ ? ମାତ୍ର ଛଅ ମାସ। କାରଣ ଛଅ ମାସ ପରେ ଏହି ଦ୍ୱୀପର ଶାସନ ଏବଂ ନାଗରିକତ୍ୱ ବଦଳିଯାଏ। ଉକ୍ତ ଦ୍ୱୀପଟି ହେଲା 'ଫେଜେଣ୍ଟ ଦ୍ୱୀପ'। ୩୫୦ ବର୍ଷର ପୁରୁଣା ଏହି ଦ୍ୱୀପ ଫ୍ରାନ୍ସ ଏବଂ ସ୍ପେନ୍‌ର ମଧ୍ୟଭାଗରେ ଅବସ୍ଥିତ। ତେଣୁ ଏହା ଉପରେ ଦୁଇଟି ଦେଶ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି। ଫେବୃଆରୀ ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ସ୍ପେନ ଏହି ଦ୍ୱୀପକୁ ଶାସନ କରୁଥିବା ବେଳେ ଅନ୍ୟପକ୍ଷରେ ଅଗଷ୍ଟ ୧ରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଉକ୍ତ ଦ୍ୱୀପର ଶାସନ ଭାର ଫ୍ରାନ୍ସ ଉପରେ ରହିଥାଏ। ତେଣୁ ଛଅ ମାସ ଏହି ଦ୍ୱୀପର ଅଧିବାସୀ ଫ୍ରାନ୍ସର ଏବଂ ଅବଶିଷ୍ଟ ଛଅ ମାସ ଏମାନଙ୍କୁ ସ୍ପେନର ନାଗରିକତା ଗ୍ରହଣ କରିବାକୁ ପଡ଼ିଥାଏ। ଏହି ଦ୍ୱୀପର ଦୈର୍ଘ୍ୟ ମାତ୍ର ୨୦୦ ମିଟର ଏବଂ ପ୍ରସ୍ଥ ୪୦ ମିଟର।

## ୨ ଦାମୀ ମସଲା

ଏପରି ଏକ ମସଲା ଅଛି, ଯାହାକୁ କିଣିବା ଜଣେ ସାଧାରଣ ଲୋକ ପକ୍ଷରେ ପ୍ରାୟ କଷ୍ଟକର। କାରଣ ଏହା ଏତେ ଦାମୀ ଯେ, ଜଣେ କିଣିବା ପୂର୍ବରୁ ଚିନ୍ତା କରିବ। ଆଉ ସେଥିପାଇଁ ଏହାକୁ ମଧ 'ରେଡ୍ ଗୋଲ୍ଡ ମସଲା' କହନ୍ତି। ଏହା ମସଲାଟି ହେଉଛି କେଶର ବା ସାର୍ଫନ। ଆଉ ଏହାର କିଲୋଗ୍ରାମ୍ ପ୍ରତି ଦାମ୍ କେତେ ଜାଣିଛ ? ଏହାର ଭେରାଇଟି ଅନୁସାରେ ଦାମ ନିର୍ଦ୍ଧାରିତ ହୋଇଥାଏ। ଉକ୍ତ ମସଲାର ସର୍ବନିମ୍ନ ମୂଲ୍ୟ କିଲୋଗ୍ରାମ୍ ପ୍ରତି ପ୍ରାୟ ଦେଢ଼ ଲକ୍ଷ ଥିବା ବେଳେ ସର୍ବାଧିକ ପ୍ରାୟ ଚାରି ଲକ୍ଷ ପର୍ଯ୍ୟନ୍ତ ରହିଛି। ବିଶେଷଭାବରେ ଏହି ମସଲା ଇରାନ୍‌ରେ ପ୍ରାୟ ୯୦ ପ୍ରତିଶତ ଚାଷ ହୋଇଥାଏ। ଏହି ଦାମୀ ମସଲା ବର୍ଷକୁ ଥରେ ଚାଷ କରାଯାଇଥାଏ। ଆଉ ଏକ ଖାସ୍ କଥା ହେଲା, ଏଭଳି ମସଲା ଚାଷ କରିବାରେ ଆମ ଦେଶ ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତରେ, ବିଶେଷ ଭାବରେ ଜମ୍ମୁ କଶ୍ମୀରରେ ଅଧିକ ପରିମାଣରେ ଏହାକୁ ଚାଷ କରାଯାଏ। ଏହାବ୍ୟତୀତ ଆଫଗାନିସ୍ଥାନ, ସ୍ପେନ, ଗ୍ରୀସ ଏବଂ ମରକ୍କୋରେ କେଶର ଉତ୍ପାଦନ କରାଯାଇଥାଏ। ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଏହାର ଫୁଲଗୁଡ଼ିକୁ ଗୋଟି ଗୋଟି କରି ତୋଳିବାକୁ ପଡ଼ିଥାଏ। ଏକ କିଲୋଗ୍ରାମ୍ କେଶର ମସଲା ପାଇଁ ପ୍ରାୟ ଦେଢ଼ ଲକ୍ଷ ଫୁଲର ଆବଶ୍ୟକତା ପଡ଼ିଥାଏ।



## ଶେଷ ବଗିରେ 'ଏକ୍ସ' ଲେଖାଥାଏ କାହିଁକି

ଗମନାଗମନ ଅନ୍ୟତମ ପ୍ରମୁଖ ମାଧ୍ୟମ ହେଲା ଟ୍ରେନ୍ ବା ରେଳଗାଡି। ଆଜିକାଲି ସୁପରଫାଷ୍ଟ ପରେ ବୁଲେଟ୍ ଟ୍ରେନ୍ ଏବଂ ଆହୁରି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଟ୍ରେନ୍ ଚାଲିଛି। ପିଲାଏ, ତୁମେମାନେ ଦେଖିଥିବ ଟ୍ରେନ୍‌ର ଶେଷ ବଗି ପଛରେ 'ଏକ୍ସ' ଲେଖାଯାଇଥାଏ। ଏହାର ମଧ ଏକ କାରଣ ରହିଛି। ତେବେ ଆସ ଜାଣିବା ତାହା କ'ଣ ପାଇଁ ଲେଖାଯାଏ। ଟ୍ରେନ୍ ଯେତେବେଳେ ତା' ଟ୍ରାକ୍‌ରେ ଚାଲେ, ସେତେବେଳେ ସିଗ୍‌ନାଲମ୍ୟାନ୍ ପ୍ରତିଟି ବଗିକୁ ଲକ୍ଷ୍ୟ ରଖିଥାଏ। ଯେତେବେଳେ ଶେଷ ବଗି ତାକୁ ଅତିକ୍ରମ କରେ, ସେତେବେଳେ ସେ ତା' ପଛକୁ ଚାହେଁ। ଯଦି ସେଥିରେ 'ଏକ୍ସ' ଲେଖାଯାଇଛି, ତେବେ ତାକୁ ହୃଦ୍‌ବୋଧ ହୁଏ ଯେ ଏହାର ସବୁ ବଗି ଠିକ୍ ଅଛି। ଯଦି ଶେଷ ବଗିରେ କିଛି ଲେଖା ନ ଥାଏ, ତେବେ ଏକଥା ଧରିନେବାକୁପଡ଼େ ଯେ, ନିଶ୍ଚୟ ସେହି ଟ୍ରେନ୍‌ର କିଛି ବଗି ଦୁର୍ଘଟଣାଗ୍ରସ୍ତ ହୋଇଛି। ତେଣୁ ଏଭଳି ଲେଖାର କେତେ ମହତ୍ତ୍ୱ ରହିଛି ତାହା ଜାଣିପାରିଲ ତ !

## ସବୁଠାରୁ ଉତ୍ତପ୍ତ ସ୍ଥାନ

ବିଶେଷଭାବରେ ମରୁଭୂମିରେ ସବୁଠାରୁ ଅଧିକ ଗରମ ଅନୁଭୂତ ହୋଇଥାଏ। କାରଣ ସେଠାରେ କେବଳ ବାଲି ହିଁ ବାଲି ଏବଂ ଜନବସତି କମ୍ ଦେଖିବାକୁ ମିଳିଥାଏ। ହେଲେ ଏଭଳି ଏକ ସ୍ଥାନ ଅଛି, ଯାହାକୁ ପୃଥିବୀର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଗ୍ରହଣ କରାଯାଇଛି। ଏହି ସ୍ଥାନଟି ହେଲା ଇଥୋପିଆର ଡାଲ୍ଲୋଲ। ସବୁଠାରୁ ଖାସ୍ କଥା ହେଲା, ଏଠାରେ କଦାପି ଥଣ୍ଡା ଅନୁଭୂତ ହୋଇ ନ ଥାଏ। ଏହି ସ୍ଥାନର ସବୁଠାରୁ କମ୍ ତାପମାତ୍ରା ହାରାହାରି ୩୪.୫ ଡିଗ୍ରୀ ସେଲ୍‌ସିୟସ୍। ଯେତେବେଳେ ଅନ୍ୟ ଦେଶରେ ପ୍ରବଳ ଥଣ୍ଡା ଅନୁଭୂତ ହୁଏ, ସେତେବେଳେ ଡାଲ୍ଲୋଲର ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ୍ ଥାଏ। ଗ୍ରୀଷ୍ମଋତୁରେ ଏହି ସ୍ଥାନର ତାପମାତ୍ରା ପାଖାପାଖି ୪୯ ଡିଗ୍ରୀ ସେଲ୍‌ସିୟସ୍ ହୋଇଥାଏ। ଏହି ସ୍ଥାନଟିର ଉତ୍ତପ୍ତ ବାୟୁମଣ୍ଡଳ ପାଇଁ ଏହାକୁ ମଙ୍ଗଳ ଗ୍ରହ ସହ ତୁଳନା କରାଯାଏ। ତା'ସହ ବାୟୁମଣ୍ଡଳରେ ସବୁବେଳେ ସଲ୍‌ଫର ଡାଇଅକ୍ସାଇଡ ଏବଂ କ୍ଲୋରିନ୍ ପରି ବିଷାକ୍ତ ଗ୍ୟାସ ପୂର୍ଣ୍ଣ ହୋଇ ରହିଛି। ଏହି ସ୍ଥାନଟି ସମୁଦ୍ର ପତ୍ତନଠାରୁ ପ୍ରାୟ ୧୨୦-୧୩୦ ମିଟର ତଳେ ଅବସ୍ଥିତ।



# ଆଇନା



ଦିଶାଂକ ଶେଖର ସାହୁ
୫ ବର୍ଷ/ ଭୁବନେଶ୍ୱର



ଆର୍ୟା ଅଭିଷେକ ପ୍ରଧାନ
୯ ବର୍ଷ/ ଅନୁଗୋଳ